# ସମଲେଶ୍ୱରୀ ଆଞ୍ଚଳିକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲି., ସମ୍ବଲପୁର

## ସମିତି ସର୍କୁଲାର ନଂ...୦୪. ତା.୦୨.୦୫.୨୦୧୮

ବିଷୟ - ଗ୍ରୀଷ୍ମ ଋତୁରେ ସମିତି ସ୍ତରରେ ଦୁଗ୍ଧ ସଂଗ୍ରହରେ ସତର୍କତା ।

ମହାଶୟ,

ଗ୍ରୀଷ୍ମ ଦିନରେ ବାୟୁମଣ୍ଡଳର ଉତ୍ତାପ ଓ ଆଦ୍ରତା ବୃଦ୍ଧି ହେତୁ ଉତ୍ପାଦିତ ଦୁଗ୍ଧ ଖୁବ୍ ଶୀଘ୍ର ଖଟା ହେବା ବା ଛିଣ୍ଡି ଯିବାର ଆଶଙ୍କା ଦେଖା ଦେଇଥାଏ । ଦୁଗ୍ଧର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇ ନ ପାରିଲେ ଦୁଗ୍ଧ ଉତ୍ପାଦକ ଚାଷୀ, ସମିତି ଓ ସଂଘର ଆର୍ଥିକ କ୍ଷତି ହୋଇଥାଏ । ଏଣୁ ଦୁଗ୍ଧ ସମିତି ସ୍ତରରେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ ।

୧. ଦୁଗ୍ଧ ସଂଗ୍ରହରେ ବ୍ୟବହୃତ ସମସ୍ତ ପାତ୍ର ଓ ଉପକରଣ ଯଥା - କ୍ୟାନ୍, ମାପଯନ୍ତ୍ର (ପଳା), ସଂଗ୍ରହ ଟ୍ରେ, ଛଣା ଆଦିକୁ ପରିଷ୍କାର ପାଣିରେ ସଫା କରନ୍ତୁ । ସଂଗ୍ରହର ଯଥେଷ୍ଟ ପୂର୍ବରୁ ଏଗୁଡ଼ିକୁ ଗରମପାଣି ଓ ଡିଟରଜେଣ୍ଟ୍ ଦ୍ୱାରା ଧୋଇ ଓଲଟାଇ ରଖନ୍ତୁ ।

୨. ଛଣାରେ ବ୍ୟବହୃତ ଜାଲି କିମ୍ବା କପଡ଼ାକୁ ନିୟମିତ ସକାଳ ଓ ସନ୍ଧ୍ୟାରେ ସଫାକରି ପରବର୍ତ୍ତୀ ବ୍ୟବହାର ପାଇଁ ପ୍ରସ୍ତୁତ କରି ରଖନ୍ତୁ ।

୩. ସଂଗ୍ରହ ପୂର୍ବରୁ ଦୁଗ୍ଧକୁ ଭଲଭାବରେ ଶୁଙ୍ଘି, ଚାଖି ଓ ଦେଖି ସନ୍ଦେହମୁକ୍ତ ହେବାପରେ ନମୁନା ରଖି ଦୁଗ୍ଧକୁ ମାପ କରି କ୍ୟାନ୍ ମଧ୍ୟକୁ ଢାଳନ୍ତୁ ।

୪. ସଂଗ୍ରହ ସ୍ଥାନରେ ପରିବେଶ ଓ ଦୁଗ୍ଧ ସଂଗ୍ରହକାରୀ ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ଉଚିତ୍ । ଫଳରେ ମାଛି ଓ ଅନ୍ୟାନ୍ୟ କୀଟର ପ୍ରଦୁର୍ଭାବ କମ୍ ରହିବ ।

୫. କମ୍ ଓସାରିଆ ମୁହଁ ଥିବା ପାତ୍ର କିମ୍ବା ପ୍ଲାଷ୍ଟିକ୍ ବୋତଲ ପରିବର୍ତ୍ତେ ଓସାରିଆ ମୁହଁ ଥିବା ଓ ସହଜରେ ସଫା କରାଯାଇ ପାରୁଥିବା ଷ୍ଟେନଲେସ୍‌ଷ୍ଟିଲ୍ ପାତ୍ରରେ ଦୁଗ୍ଧ ଆଣିବାକୁ କୁହନ୍ତୁ ।

୬. କଷ ଦୁଗ୍ଧ ବା ବାସୀ ଦୁଗ୍ଧ ଯୋଗାଇବାକୁ ବାରଣ କରନ୍ତୁ ।

୭. ସନ୍ଧ୍ୟା ସମୟରେ ଦୁଗ୍ଧ ଯୋଗାଣ କରୁ ନ ଥିବା ଯୋଗାଣକାରୀଙ୍କ ପ୍ରତି ସତର୍କ ରୁହନ୍ତୁ ।

୮. ପରିବହନ ଗାଡ଼ି କିମ୍ବା ଶୀର୍ଷବାହକଙ୍କୁ ଦୁଗ୍ଧ କ୍ୟାନ୍ ହସ୍ତାନ୍ତର ପୂର୍ବରୁ ଏହାକୁ ଛାଇ ସ୍ଥାନରେ ରଖନ୍ତୁ ।

୯. ଶୀତଳିକରଣ କେନ୍ଦ୍ରର ଦୂରତ୍ୱ ଅଧିକ ଥିଲେ କ୍ୟାନ୍ ଚାରିପଟେ ଓଦା ଅଖା ବାନ୍ଧିବାର ବ୍ୟବସ୍ଥା କରନ୍ତୁ ।

୧୦. ନିକଟସ୍ଥ ଦୁଗ୍ଧ ଶୀତଳିକରଣ କେନ୍ଦ୍ରର ଦୂରତ୍ୱ, ସମିତିର ଦୁଗ୍ଧ ଯୋଗାଣକାରୀଙ୍କ ସଂଖ୍ୟା ଓ ନିର୍ଦ୍ଧାରିତ ସଂଗ୍ରହ ସମୟ ସୂଚୀ ଅନୁସାରେ ନିଜ ସମିତିର ଦୁଗ୍ଧ ସଂଗ୍ରହର ଆରମ୍ଭ ସମୟ ଓ ଶେଷ ସମୟ ସ୍ଥିର କରନ୍ତୁ ।

୧୧. ଶୀର୍ଷବାହକ କିମ୍ବା ପରିବହନ ଗାଡ଼ି ଦୁଗ୍ଧ ଶୀତଳିକରଣ କେନ୍ଦ୍ର/ବଲ୍କ କୁଲରରେ ପହଞ୍ଚିବା ଓ ଦୁଗ୍ଧ ସଂଗ୍ରହ ସରିବା ପର୍ଯ୍ୟନ୍ତ ସମିତିରେ ଦୁଗ୍ଧ ନମୁନାଗୁଡ଼ିକୁ ସାଇତି ରଖନ୍ତୁ ଫଳରେ ଦୁଗ୍ଧ ଖଟା ବା ଛିଣ୍ଡି ଗଲେ କେଉଁ ଚାଷୀ ଏହାର କାରଣ ଅଟନ୍ତି ତାହା ଜଣା ପଡ଼ିବ ।

୧୨. ଦୁଗ୍ଧ ଯୋଗାଣକାରୀ ସଭ୍ୟମାନଙ୍କୁ ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ ସଚେତନ କରନ୍ତୁ ।

ସ୍ୱା. ନାରାୟଣ ମିଶ୍ର
ସାଧାରଣ ପରିଚାଳକ

ସୂଚନା କ୍ରମାଙ୍କ ନଂ........୮୫ ତା.୦୨.୦୫.୨୦୧୮

ନକଲ ପାଇବେ - ୧. ସମସ୍ତ ସମିତି/ସମସ୍ତ କ୍ଷେତ୍ର ପରିଦର୍ଶକ/ପରିଦର୍ଶିକା

୨. ସମସ୍ତଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ

୩. ଉପମୁଖ୍ୟ (ପି.ଆଣ୍ଡ.ଆଇ), ଓମଫେଡ, ଭୁବନେଶ୍ୱର ।

ସ୍ୱା. ନାରାୟଣ ମିଶ୍ର
ସାଧାରଣ ପରିଚାଳକ